# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**11th May - 2024**

**News Editor *: Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦଳୀୟ ପ୍ରାର୍ଥୀଙ୍କ ପାଇଁ କନ୍ଧମାଳ, ବଲାଙ୍ଗିର ଓ ବରଗଡ଼ଠାରେ କଲେ ନିର୍ବାଚନ ପ୍ରଚାର ।

- ରାଜ୍ୟରେ ଆସନ୍ତା ସୋମବାର ଦିନ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ମତଦାନପାଇଁ ଆଜି ପ୍ରଚାର କାର୍ଯ୍ୟ ଶେଷ ।

— ୪ଟି ଲୋକସଭା ଓ ଏହା ଅନ୍ତର୍ଗତ ୨୮ଟି ବିଧାନସଭା ଆସନରେ ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ;

ଏବଂ

- ଓଡ଼ିଶା ହାଇକୋର୍ଟ ସମେତ ରାଜ୍ୟର ବିଭିନ୍ନ ଅଦାଲତରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ।

***Desk, Baragarh/R***

# ପି.ଏମ୍. - ଓଡ଼ିଶା ଗସ୍ତ

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କନ୍ଧମାଳ, ବଲାଙ୍ଗୀର ଓ ବରଗଡ଼ ଠାରେ ଆୟୋଜିତ ନିର୍ବାଚନୀ ର୍‍ୟାଲିରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ବରଗଡ଼ର ବିକାଶ ଭିନ୍‌ଟେଜ୍ ପଡ଼ିଆରେ  ଆଜି ଏକ ନିର୍ବାଚନୀ ସଭାକୁ ପ୍ରଧାନମନ୍ତ୍ରୀ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ରାଜ୍ୟରେ ସରକାର ପରିବର୍ତ୍ତନର ସମୟ ଆସି ପହଁଞ୍ଚିଛି। ରାଜ୍ୟକୁ ବିକାଶ ପଥରେ ତ୍ୱରାନ୍ୱିତ କରିବାକୁ ହେଲେ ଡବଲ୍ ଇଞ୍ଜିନ୍ ସରକାରର ଆବଶ୍ୟକତା ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବହୁ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି ବୋଲି ସେ ଅଭିଯୋଗ କରି ଦଳୀୟ ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ।

ଏହା ପୂର୍ବରୁ ବଲାଙ୍ଗୀରଠାରେ ଆୟୋଜିତ ନିର୍ବାଚନୀ ର୍‍ୟାଲିକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତିକୁ ସମାଲୋଚନା କରିଛନ୍ତି।

ତେବେ ପୂର୍ବାହ୍ନରେ କନ୍ଧମାଳ ଷ୍ଟାଡିୟମଠାରେ ଆୟୋଜିତ  ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ଶ୍ରୀ ମୋଦୀ କହିଛନ୍ତି, କନ୍ଧମାଳ ଚାଷୀଙ୍କ ଲାଭ ପାଇଁ ହଳଦୀ ମିଶନ ଏବଂ ମସଲା ଉତ୍ପାଦନ କମ୍ପାନୀ ପ୍ରତିଷ୍ଠା କରାଯିବ। ବୃତ୍ତଙ୍ଗ ଜଳଭଣ୍ଡାର ଏବଂ ମହାନଦୀରୁ ପାନୀୟ ଜଳ ଯୋଗାଣ ପାଇଁ ସେଠାରେ **'ହର୍ ଘର ନଲ୍'** ଯୋଜନା ଆରମ୍ଭ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, କନ୍ଧମାଳକୁ ଆକାଂକ୍ଷା ଜିଲ୍ଲା

ଯୋଜନାରେ ସାମିଲ କରାଯାଇ ଅଧିକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ତେବେ ସେଠାରେ ବିକାଶ ପାଇଁ ଆହୁରି ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

*Nuapada/R*

## ଛତିଶଗଡ଼ ମୁଖ୍ୟମନ୍ତ୍ରୀ - ନିର୍ବାଚନ ପ୍ରଚାର

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଆଜି ନୂଆପଡ଼ା ଜିଲ୍ଲା ଗସ୍ତ କରି ବି.ଜେ.ପି. ଦଳୀୟ ପ୍ରାର୍ଥୀଙ୍କପାଇଁ ପ୍ରଚାର କରିଛନ୍ତି । ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର ହେଲେ ବିକାଶ ଦୁଇଗୁଣ ହେବା ସହ କେନ୍ଦ୍ର ଓ ରାଜ୍ୟର ସୁସମ୍ପର୍କ ବୃଦ୍ଧି ପାଇବ ବୋଲି ସେ ମତବ୍ୟକ୍ତ କରିଛନ୍ତି ।

*Desk*

## ପ୍ରଥମ ପର୍ଯ୍ୟାୟ ନିର୍ବାଚନ

ରାଜ୍ୟର ପ୍ରଥମ ତଥା ଦେଶର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତା ସୋମବାର ଦିନ ମତଦାନ ଅନୁଷ୍ଠିତ ହେବ । ଏଥିପାଇଁ ପ୍ରଚାର କାର୍ଯ୍ୟ ଆଜି ଅପରାହ୍ନ ୫ଟାରେ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ରାଜ୍ୟର ୪ଟି ଲୋକସଭା ଏବଂ ଏହା ଅନ୍ତର୍ଗତ ୨୮ଟି ବିଧାନସଭା ଆସନ ପାଇଁ

ଭୋଟ୍‌ଗ୍ରହଣ ଅନୁଷ୍ଠିତ ହେବ। କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଏବଂ କୋରାପୁଟ୍ ସଂସଦୀୟ କ୍ଷେତ୍ର ପାଇଁ ୩୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରେ ୩୦ଜଣ ପୁରୁଷ ଏବଂ ୭ ଜଣ ମହିଳା ପ୍ରାର୍ଥୀ ରହିଛନ୍ତି। କୋରାପୁଟ, କଳାହାଣ୍ଡି ଏବଂ ବ୍ରହ୍ମପୁର ଲୋକସଭା ଆସନ ପାଇଁ ୧୧ ଜଣ ଲେଖାଏଁ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବାବେଳେ ନବରଙ୍ଗପୁର ଲୋକସଭା ଆସନ ପାଇଁ ୪ ଜଣ ପ୍ରାର୍ଥୀ ନିଜର ରାଜନୈତିକ ଭାଗ୍ୟ ପରୀକ୍ଷା କରୁଛନ୍ତି। ୨୮ଟି ବିଧାନସଭା ଆସନ ପାଇଁ ୨୪୩ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ମୋଟ୍ ୬୨ ଲକ୍ଷ ୮୭ ହଜାର ୨୨୨ ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ଏଥିପାଇଁ ୭ ହଜାର ୨୮୯ଟି ଏବଂ ୧୪ଟି ଅତିରିକ୍ତ ବୁଥ୍ ପ୍ରସ୍ତୁତ କରାଯାଇଛି। ସେଥିମଧ୍ୟରୁ ୭୪୮ଟି ସହରାଞ୍ଚଳ ଓ ୬ ହଜାର ୫୫୫ଟି ବୁଥ୍ ଗ୍ରାମାଞ୍ଚଳରେ ରହିଛି । ମତଦାତାଙ୍କ ମଧ୍ୟରେ ୩୦ ଲକ୍ଷ ୯୭ ହଜାର ୫୨୭ ଜଣ ପୁରୁଷ, ୩୧ ଲକ୍ଷ ୮୯ ହଜାର ୬୦ ଜଣ ମହିଳା ଏବଂ ୬୩୫ ଜଣ ତୃତୀୟ ଲିଙ୍ଗୀ ମତଦାତା ଅଛନ୍ତି।

ସମ୍ଭାବ୍ୟ ଅଂଶୁଘାତ ମୁକାବିଲାପାଇଁ ପ୍ରତିଟି ମତଦାନ କେନ୍ଦ୍ରରେ ଆଶାକର୍ମୀ ରହିବେ । ଅଂଶୁଘାତର ଜରୁରୀ ଚିକିତ୍ସା ପାଇଁ ସେଠାରେ ଆଶୁଚିକିତ୍ସା ବ୍ୟବସ୍ଥା ସହ ଓ.ଆର୍.ଏସ୍. ମହଜୁଦ ରଖାଯିବ । ପ୍ରତି ସେକ୍ଟର ଅଫିସରଙ୍କ ସହ ଜଣେ ପାରା-ମେଡିକାଲ୍ ଷ୍ଟାଫ୍ ଜରୁରୀ ଔଷଧପତ୍ର ସହ ଉପସ୍ଥିତ ରହିବେ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି । ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମଙ୍କପାଇଁ ଘରୁ ବୁଥ୍‌କୁ ଯିବାଆସିବାପାଇଁ

ନିଃଶୁଳ୍କ ଯାନର ବ୍ୟବସ୍ଥା କରାଯାଇଛି । ଏଥିସହିତ ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ ସି.ସି.ଟି.ଭି. ଓ ୱେବ୍‌କାଷ୍ଟିଂର ବ୍ୟବସ୍ଥା କରାଯାଇଥିବା ଶ୍ରୀ ଧଳ ସୂଚନା ଦେଇଛନ୍ତି ।

***Koraput, Nuapada, Malkangiri, Nabarangpur, Kalahandi/R***

## ନିର୍ବାଚନ - ପୁଲିଂ ପାର୍ଟି

କୋରାପୁଟ ଜିଲ୍ଲାର ୫ଟି ବିଧାନସଭା ଆସନରେ ମତଦାନ ପାଇଁ ପ୍ରସ୍ତୁତି ଶେଷ ହୋଇଛି । ପୁଲିଂ ପାର୍ଟିମାନେ ଜିଲ୍ଲାରେ ଥିବା ୧୧ ଶହ ୫୮ଟି ବୁଥ୍‌କୁ ଯାଉଛନ୍ତି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

ସେହିପରି କଳାହାଣ୍ଡି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ନୂଆପଡ଼ା ଜିଲ୍ଲାରେ ଥିବା ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ୍‌କୁ ନିର୍ବାଚନ କର୍ମାଚାରୀମାନେ ଇ.ଭି.ଏମ୍., ଭିଭିପାଟ୍ ମେସିନ୍ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀମାନ ନେଇ ଯାଉଛନ୍ତି ।

ମାଲକାନଗିରି ଓ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳିପାଇଁ ୫୪୭ଟି ବୁଥ୍ ମଧ୍ୟରୁ ୫୧୫ଟି ବୁଥ୍‌ର ପୁଲିଙ୍ଗ୍ କର୍ମଚାରୀମାନେ ନିଜ ନିଜ ବୁଥ୍‌କୁ ଯାଇଛନ୍ତି ଏବଂ ଅନ୍ୟ ବୁଥ୍‌ଗୁଡ଼ିକୁ ପୁଲିଂ କର୍ମଚାରୀମାନେ ଆସନ୍ତାକାଲି ଯିବେ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

ନବରଙ୍ଗପୁର ଜିଲ୍ଲାର ୪ଟି ବିଧାନସଭା ନିର୍ବାଚନ ମଣ୍ଡଳିପାଇଁ ଆଜି ଓ ଆସନ୍ତାକାଲି ଦୁଇଦିନରେ ପୁଲିଂ କର୍ମଚାରୀଙ୍କୁ ବୁଥ୍‌ରେ ପହଞ୍ଚିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ।

କଳାହାଣ୍ଡି ଲୋକସଭା ନିର୍ବାଚନ ମଣ୍ଡଳୀ ଓ ଏହା ଅନ୍ତର୍ଗତ ୫ଟି ବିଧାନସଭା ନିର୍ବାଚନ ପାଇଁ ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନେ ନିଜ ନିଜ ମତଦାନ କେନ୍ଦ୍ରକୁ ଯାଇଛନ୍ତି । ଜିଲ୍ଲାରେ ମୋଟ୍ ୧ ହଜାର ୪୧୨ଟି ବୁଥ୍ ଥିବାବେଳେ ୧୪୦ଟି ସମ୍ବେଦନଶୀଳ ବୁଥ୍ ରହିଛି । ସେଥିମଧ୍ୟରୁ ୧୩୫ଟି ମାଓପ୍ରବଣ ଚିହ୍ନଟ କରାଯାଇଛି । ସମ୍ବେଦନଶୀଳ ବୁଥ୍‌ରେ ସି.ସି.ଟି.ଭି. ଓ ୱେବ୍‌କାଷ୍ଟର ବ୍ୟବସ୍ଥା କରାଯିବା ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ।

***Angul/R***

# ବିଧାନସଭା ନିର୍ବାଚନ - ଅନୁଗୁଳ

ଅନୁଗୁଳ ଜିଲାରେ ଥିବା ୫ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଚାର କାର୍ଯ୍ୟ ଜୋର୍ ଧରିଛି। ଆସନ୍ତା ୨୫ ତାରିଖରେ ଏହି ଆସନରେ ମତଦାନ ଅନୁଷ୍ଠିତ ହେବ। ବିଭିନ୍ନ ରାଜନୈତିକ ଦଳୀୟ ପ୍ରାର୍ଥୀ ଏବଂ ସ୍ୱାଧୀନଭାବେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଥିବା ପ୍ରାର୍ଥୀ ନିଜ ସପକ୍ଷରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଯଥାସାଧ୍ୟ ଉଦ୍ୟମ କରୁଛନ୍ତି। ଏହି ବିଧାନସଭା ଆସନରେ

ନିର୍ବାଚନ ସ୍ଥିତି ନେଇ ଆମ ଅନୁଗୁଳ ସମ୍ବାଦଦାତା ଦେବରଞ୍ଜନ ସାମଲ୍‌ଙ୍କ ରିପୋର୍ଟ....

***Voice* :..........**

***Malkangiri/R***

## ଭୋଟର୍ ସଚେତନତା

ମାଲକାନଗିରି ଜିଲ୍ଲାରେ ମତଦାନ ହାର ବୃଦ୍ଧି କରିବାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ବି.ଏସ୍.ଏଫ୍. ଓ ମାଲକାନଗିରି ପୁଲିସ୍ ପକ୍ଷରୁ ମିଳିତ ଭାବେ ମାଓ ଉପଦ୍ରବ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଜିଲ୍ଲାର ୪୦ଟି ଆଭ୍ୟନ୍ତରୀଣ ଅଞ୍ଚଳରେ ଏସ୍.ଓ.ଜି. ଓ ବି.ଏସ୍.ଏଫ୍.ଦ୍ୱାରା ବୁଥ୍ ସୁରକ୍ଷା ଅପରେସନ୍ ଆରମ୍ଭ କରାଯାଇଥିବାବେଳେ ବିଭିନ୍ନ ସଡ଼କ ଓ ପୋଲକୁ ସୁରକ୍ଷା ଯୋଗାଇ ଦିଆଯାଉଛି । ୫୦ରୁ ଊର୍ଦ୍ଧ୍ୱ ଭ୍ରାମ୍ୟମାଣ ଦଳକୁ ନିର୍ବାଚନ କାର୍ଯ୍ୟରେ ନିଯୁକ୍ତ କରାଯାଇଛି । ଭୋଟରମାନେ ନିର୍ଭୟରେ ମତଦାନ କରି ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବାକୁ ଆରକ୍ଷୀ ଅଧୀକ୍ଷକ ଲୋକମାନଙ୍କୁ ନିବେଦନ କରିଛନ୍ତି ।

# ରାଷ୍ଟ୍ରୀୟ ଲୋକ ଅଦାଲତ

ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ଅନୁଷ୍ଠିତ ହୋଇଯାଇଛି । ଓଡିଶା ହାଇକୋର୍ଟ ସମେତ ରାଜ୍ୟରେ ଥିବା ବିଭିନ୍ନ ଅଦାଲତରେ ବିଭିନ୍ନ କିସମର ମାମଲାଗୁଡ଼ିକର ଆପୋଷ ବୁଝାମଣା ମଧ୍ୟରେ ଫଏସଲା ହୋଇଛି । କଟକ ସ୍ଥିତ ରାଜ୍ୟ ଆଇନ ସେବା ପ୍ରାଧିକରଣ ଠାରୁ ମିଳିଥିବା ସୂଚନା ଅନୁଯାଇ ଏହି ଲୋକ ଅଦାଲତ ପାଇଁ ଦେଢ ଲକ୍ଷରୁ ଅଧିକ ମାମଲା ଶୁଣାଣୀ ପାଇଁ ତାଲିକାଭୁକ୍ତ ହୋଇଥିଲା ।

ଓଡିଶା ହାଇକୋର୍ଟ ଲିଗାଲ Service କମିଟି ପକ୍ଷରୁ ଆଜି ହାଇକୋର୍ଟରେ ଆୟୋଜିତ ଲୋକ ଅଦାଲତରେ ମୋଟ୍ ୨୬ ହଜାର ୨୪୫ଟି ମକଦ୍ଦମାରୁ ସମୁଦାୟ ୧୦ ହଜାର ୪୭୦ଟି ମକଦ୍ଦମାର ତ୍ୱରିତ ଫଏସଲା କରାଯାଇ ଜରିମାନା ବାବଦରେ ୧୮ କୋଟି ୮୨ ଲକ୍ଷ ଅଣାନବେ ହଜାର ୭୪୩ ଟଙ୍କା ଆଦାୟ କରାଯାଇଛି ।

ସେହିପରି ନୟାଗଡ଼ ଜିଲ୍ଲାରେ ଅନୁଷ୍ଠିତ ଲୋକ ଅଦାଲତରେ ୬ଟି ମୋଟର ଦୁର୍ଘଟଣାଜନିତ ମାମଲାର ଫଏସଲା କରାଯାଇ ବୀମା କମ୍ପାନୀଗୁଡ଼ିକୁ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ବ୍ୟାଙ୍କ ଋଣ ପରିଶୋଧ କରି ନ ଥିବା ୧୩୬ ଜଣ ଋଣଗ୍ରହିତାଙ୍କଠାରୁ ୪୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଦେବାପାଇଁ ରାଜିନାମା ସ୍ୱାକ୍ଷରିତ କରାଯାଇଛି ।

ପୁରୀ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଲୋକ ଅଦାଲତରେ ପ୍ରାୟ ୭ ହଜାର ୬୨୧ଟି ମାମଲାର ଫଏସଲା କରାଯିବା ସହ

ଜରିମାନା ଓ କ୍ଷତିପୂରଣ ବାବଦରେ ୩ କୋଟି ୨୦ ଲକ୍ଷ ୬୫ ହଜାର ୨୩୨ ଟଙ୍କା ଆଦାୟ କରାଯାଇଛି । ଏହାବ୍ୟତୀତ ୧୨୧ଟି ପ୍ରାକ୍ ମକଦ୍ଦମା ମାମଲାର ଫଇସଲା କରାଯାଇ ବ୍ୟାଙ୍କରଣ ବାବଦାକୁ ୪୬ ଲକ୍ଷ ୪ ହଜାର ୪୦୧ ଟଙ୍କା ଆଦାୟ କରାଯାଇଛି ।

ନବରଙ୍ଗପୁର ଜିଲ୍ଲାରେ ଅନୁଷ୍ଠିତ ଲୋକ ଅଦାଲତରେ ୯ଟି ପାରିବାରିକ ମାମଲାର ସମାଧାନ କରାଯାଇଛି । ଏଥିସହ ୩୪ଟି ଫୌଜଦାରୀ, ୧୩ ହଜାର ୫୨୦ଟି ରାଜସ୍ୱ, ୧୧୨ଟି କୋର୍ଟ କେସ୍‌ର ଫଇସଲା କରାଯାଇଛି ।

ଗଜପତି ଜିଲ୍ଲାରେ ଅନୁଷ୍ଠିତ ଲୋକ ଅଦାଲତରେ ୧ ହଜାର ୫୫୮ଟି ମାମଲାର ତ୍ୱରିତ ଫଇସଲା କରାଯାଇ ଜରିମାନା ବାବଦକୁ ୧୩ ଲକ୍ଷ ୨୭ ହଜାର ୮୧୧ ଟଙ୍କା ଆଦାୟ କରାଯାଇଛି ।

ବୌଦ୍ଧ ଜିଲ୍ଲାରେ ଅନୁଷ୍ଠିତ ଲୋକ ଅଦାଲତରେ ମୋଟର ଦୁର୍ଘଟଣାଜନିତ ମକଦ୍ଦମା, ପାରିବାରିକ ମାମଲା, ଦେୱାନୀ, ଉପଭୋକ୍ତା ବିବାଦ ଆଦି ୭୦ଟି ମାମଲାର ତ୍ୱରିତ ସମାଧାନ କରାଯାଇ ଜରିମାନା ବାବଦରେ ମୋଟ୍ ୧୭ ଲକ୍ଷ ୨୮ ହଜାର ୫୦୩ ଟଙ୍କା ଆଦାୟ କରାଯାଇଛି ।

ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିବାର ଖବରମାନ ଆମର ହସ୍ତଗତ ହେବାରେ ଲାଗିଛି ।

*****